## ସଂକ୍ଷେପରେ

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



**ଫିରିଙ୍ଗିଆ, ୨୩।୨ (ବିକ୍ରମ ଦିଗାଲ):**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ ଶୁକ୍ରବାର ନୂତନ ଥାନା ଅଧିକାରୀ ଭାବରେ ଗୋପୀନାଥ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେ । ସେ ପୂର୍ବରୁ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧିକାରୀ ଭାବର ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ।

### ୨୨୫ଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ବାଲିଗୁଡ଼ା, ୨୩।୨ (ସଞ୍ଜୟ କୁମାର ପାଣିଗ୍ରାହୀ):**

ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଗୃହ ନୀତି ଓଡ଼ିଶା ପକ୍ଷରୁ ଲାଗୁ ହେବା ପରେ କନ୍ଧମାଳ ଜିଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହ ଠାରେ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଉପଜିଲାପାଳ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ରୀନା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଏମପି ପ୍ରତିନିଧି ଟୁନା ଦାସ ଓ ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ ଉପସ୍ଥିତ ରହି ୨୨୫ ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

### ପୂର୍ବତନ ବାୟୁ ସେନା ଅଧିକାରୀଙ୍କ ବିୟୋଗ



**ଦିଗପହଣ୍ଡି, ୨୩।୨ (ଅଶେଷ ନାଥ ମିଶ୍ର):**

ଦିଗପହଣ୍ଡି ସହର ଅନ୍ନପୂର୍ଣ୍ଣା ସାହି ବାସିନ୍ଦା ପୂର୍ବତନ ବାୟୁ ସେନା ଅଧିକାରୀ ପ୍ରଣବ କୁମାର ପଣ୍ଡା (୫୭)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଯକୃତ ସଂକ୍ରମଣ ରୋଗରେ ପୀଡିତ ହୋଇ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଦିଗପହଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ହରିକୃଷ୍ଣ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର। ପ୍ରଣବଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ଏନ୍‌ଏସି ନଗରପାଳ ପ୍ରଫୁଲ ପଣ୍ଡାଙ୍କ ସମେତ ସୂର୍ଯ୍ୟନାରାୟଣ ପଣ୍ଡା, ହରିକୃଷ୍ଣ ସାହୁ, ପି. ଗୋବିନ୍ଦ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଶୈବପୀଠରେ ଅଧିଆ ପଡ଼ିଥିବା ବ୍ୟକ୍ତିଙ୍କ ଆତ୍ମହତ୍ୟା

**ଗଞ୍ଜାମ, ୨୩।୨ (ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ସାତୁଳି ଗ୍ରାମ ନିକଟସ୍ଥ ମକରେଶ୍ୱର ମନ୍ଦିରରେ ଅଧିଆ ପଡିଥିବା ବ୍ୟକ୍ତି ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଭୋର ସମୟରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବା ପାଇଁ ଶୈବପୀଠ ଅଭିମୁଖେ ଯାଉଥିବା ବେଳେ ଏକ ଗଛରେ ବେକରେ ରଶି ଲାଗି ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ରମ୍ଭା ଥାନାକୁ ଖବର ଦିଆଯାଇଥିଲା। ତଦନ୍ତ ପରେ ସେ ଗୋପାଳପୁର ଥାନା ଅନ୍ତର୍ଗତ ଖଜୁରିଆପଲ୍ଲୀ ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ପୁଅ ଯୋଗେନ୍ଦ୍ର ପ୍ରଧାନ (୫୫) ବୋଲି ଜଣାପଡିଥିଲା। ବ୍ୟକ୍ତି ଜଣଙ୍କ ପ୍ରାୟ ୨୬ ଦିନ ହେଲା ଉକ୍ତ ଶୈବପୀଠରେ ଅଧିଆ ପଡିଥିବା ଅଞ୍ଚଳବାସୀ ପ୍ରକାଶ କରିଥିଲେ। ରମ୍ଭା ଥାନା ପକ୍ଷରୁ ତଦନ୍ତ କରାଯାଉଥିବା ବେଳେ ତାଙ୍କ ପରିବାର ବର୍ଗଙ୍କୁ ଖବର ଦିଆଯାଇଥିଲା।

# ସପ୍ତାହେ ହେଲା ମିଳୁନି ପିଇବା ପାଣି



- ସମସ୍ୟା ଦେଇ ଗତିକରୁଛି ଦୁର୍ଗମ କୁଟୁଲାରୀ ଗାଁ
- ସାହି ସାହିକୁ ନାହିଁ ସଂଯୋଗୀକରଣ ରାସ୍ତା

**ଦାରିଙ୍ଗବାଡି, ୨୩।୨ (ଅରୁଣ ସାହୁ):**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ଝିଞ୍ଜିରିଗୁଡା ପଞ୍ଚାୟତ କୁଟୁଲାରୀ ଗାଁରେ ଦେଖାଦେଇଛି ପିଇବା ପାଣିର ସମସ୍ୟା। ଗତ ଏକ ସପ୍ତାହ ହେଲା ଲୋକଙ୍କ ରୋଷେଇ ଶାଳାରେ ଜଳ କଷ୍ଟ ଦେଖିବାକୁ ମିଳିଛି। ଶୌଚ ପାଇଁ ତ ଦୂରର କଥା, ମୁନ୍ଦେ ପିଇବା ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି। ସରକାର ଘରେ ଘରେ ପିଇବା ପାଣି ପାଇଁ ପାଇପ ଯୋଗେ ଜଳ ଯୋଗାଣ କରୁଥିବା ବେଳେ ଝିଞ୍ଜିରୀଗୁଡା ପଞ୍ଚାୟତର କୁଟୁଲାରୀ ଗ୍ରାମ ସମେତ ଗଡ଼ମା, ବାଘପଦା ଆଦି ଅଞ୍ଚଳରେ ଏବେ ପାଣି ପାଇଁ ଲୋକେ କାନ୍ଦୁଛନ୍ତି।

ପ୍ରକାଶ ଯେ, ଗାଁଠାରୁ ପ୍ରାୟ ୩ କିମି ଦୂର ଗ୍ଲଡିଙ୍ଗ ପାହାଡ଼ରୁ ଝରଣା ପାଣି ସ୍ୱତ ପ୍ରବୃତ୍ତ ଭାବେ ବୋହିଯାଉଛି। ତାକୁ ବନ ବିଭାଗର ଓଟିଇଏଲପି (ଓଡିଶା ଜନଜାତି ସଶକ୍ତୀକରଣ ଜୀବନଜୀବିକା କାର୍ଯ୍ୟକ୍ରମ) ପକ୍ଷରୁ ପାହାଡ଼ ଉପରେ ଏକ କୁଣ୍ଡ କରାଯାଇ ଗ୍ରାମକୁ ପାଇପ ଯୋଗେ ଜଳ ଅଣାଯାଇ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଜଳ ସଂଗ୍ରହ କରାଯଉଛି। ହେଲେ ଦିନକୁ ଦିନ ଜଳସ୍ତର କମିବା ସହ ଝର ଜଳର ସ୍ରୋତ କମିଯାଉଛି। ଏବେ ପ୍ରବଳ ଖରା ଯୋଗୁଁ ଜଳ ଆଉ ପାଇପରେ ଗାଁରେ ପହଞ୍ଚିପାରୁନି। ଫଳରେ ଲୋକେ ପିଇବା ପାଣି ନପାଇ ହଇରାଣ ହେଉଛନ୍ତି। ଗାଁରେ ଏକାଧିକ ନଳକୂପ ରହିଥିଲେ ସୁଦ୍ଧା ପ୍ରାୟ ଅଚଳ ହୋଇପଡ଼ିରହିଛି। ଯେଉଁ ନଳକୂପରୁ ପାଣି ବାହାରୁଛି ତାହା ମଧ୍ୟ ବହୁ ବିଳମ୍ବରେ ଓ ଗୋଳିଆ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗ୍ରାମରେ ପିଇବା ପାଣି ଟ୍ୟାଙ୍କର ଯୋଗେ ଯୋଗାଇଦେବା ସହ ସ୍ଥାୟୀ ସମାଧାନ କରି ବୋରୱେଲ ଖୋଳାଯାଇ ପାଇପ ଯୋଗେ ଜଳ ଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କୁଟଲାରୀ ଗ୍ରାମରେ ଥିବା ସାହିକୁ ସାହି ସଂଯୋଗ ହେଉଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତା ଉପରେ ବଡ଼ ବଡ଼ ପଥରଗୁଡ଼ିକ ଯାତାୟତରେ ସମସ୍ୟା ହେଉଛି। ବିଶେଷ କରି ଦିବ୍ୟାଙ୍ଗ, ଛାତ୍ରୀଛାତ୍ର, ବୃଦ୍ଧା ବୃଦ୍ଧଙ୍କୁ ଯାତାୟତରେ ସମସ୍ୟା ହେଉଛି। ସେହିପରି ଗାଁରେ କୃଷକମାନଙ୍କ ପାଇଁ ଏକ ଦଶନ୍ଧି ଧରି କୋଲ୍ଡଷ୍ଟୋର ନିର୍ମାଣ କରାଯାଇଥିଲେ ସୁଦ୍ଧା ତାହା ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଗାଁରେ ବିଦ୍ୟୁତ ସମସ୍ୟା ଲାଗି ରହିଥିବା ବେଳେ ଷ୍ଟ୍ରିଟଲାଇଟ ଖଞ୍ଜା ଯାଇଥିଲେ ସୁଦ୍ଧା ପ୍ରାୟ ୫ ମାସ ହେଲା ଚାଲୁ କରାଯାଇନାହିଁ। ଫଳରେ ଅଞ୍ଚଳରେ ଅନ୍ଧାର ଯୋଗୁଁ ଅଞ୍ଚଳବାସୀ ସନ୍ଧ୍ୟା ହେଲେ ବାହାରିବାକୁ ଭୟ କରୁଛନ୍ତି। ତେଣୁ ତୁରନ୍ତ ଜଳ ଯୋଗାଣ ସହ ରାସ୍ତା ନିର୍ମାଣ, ବିଦ୍ୟୁତ ଆଲୁଅ ବ୍ୟବସ୍ଥା ଆଦି କରାଯିବାକୁ ଗାଁର ଦାଉଦ ମଲିକ, ସଲମାନ ମଲିକ ପ୍ରମୁଖ ଦାବି କରିଛନ୍ତି। ଏନେଇ ଗ୍ରାମୀଣ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରୋଦ୍ଧ ରାଉତ କହିଛନ୍ତି ଯେ, ଝିଞ୍ଜିରୀଗୁଡା ପଞ୍ଚାୟତର ସମସ୍ତ ଗ୍ରାମକୁ ମେଗା ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି। ଗଜପତି ଜିଲା ଅଡବାରୁ ପାଣି ଅଣାଯାଉଛି। ପାଇପ ବିଛା କାର୍ଯ୍ୟ ଚାଲିଛି। ଏବେ ଅଚଳ ଥିବା ନଳକୂପଗୁଡିକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

# ଦୁଇ ନାବାଳକ ନିଖୋଜ



**ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଛା):**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ୨ ନମ୍ବର ୱାର୍ଡ ଅନ୍ତର୍ଗତ ତେଲି ସୁଣ୍ଡିସାହି ଓ ତେଲିମେଲା ସାହିର ଦୁଇ ଜଣ ନାବାଳକ ଗତ ୨୦ ତାରିଖଠାରୁ ନିଖୋଜ ହୋଇଯାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଉଭୟ ହେଲେ ରୋହିତ କୁମାର ସାହୁ (୧୪) ଏବଂ ଏମ. ପବନକୁମାର (୧୪)। ରୋହିତ ମହେନ୍ଦ୍ରଗିରି ପୌର ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ପବନ କୁମାର ଜେଏନଭି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଦୁଇ ଜଣ ୨୦ ତାରିଖ ରାତିରେ ପାଠପୁସ୍ତକ ମଗାମଗି ହୋଇ ପଢୁଥିଲେ। ପରେ କେଉଁଆଡ଼େ ଚାଲିଯାଇଛନ୍ତି। ଘରୁ କୌଣସି ଟଙ୍କା କିମ୍ବା ସାମଗ୍ରୀ ନେଇ ନଥିବା ବେଳେ ରୋହିତ ସଞ୍ଚୟ ରଖିଥିବା ମାଟିପାତ୍ରକୁ ନେଇଯାଇଛନ୍ତି । ସେହିପରି ପବନ କୁମାର କିଛି ପୋଷାକ ନେଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ରୋହିତଙ୍କ ବାପା ଚନ୍ଦ୍ରଶେଖର ସାହୁ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପବନଙ୍କ ବାପା ଏମ. ଗଣେଶ ଅଭିଯୋଗ କରିବେ ବୋଲି କହିଛନ୍ତି। ରୋହିତ ଓଡିଆ, ହିନ୍ଦୀ ଓ ତେଲୁଗୁ ଜାଣି ଥିବା ବେଳେ ପବନ ମଧ୍ୟ ସମାନ ଭାଷା ଜାଣିଛନ୍ତି । କୌଣସି ବ୍ୟକ୍ତି ଏମାନଙ୍କୁ ଦେଖିଲେ ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ୬୩୭୨୩୬ ୬୩୫୨ / ୭୦୯୩୪୩୫୬୨୧ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି ଯେ, ଲିଖିତ ଅଭିଯୋଗ ପାଇଛୁ । ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା



**ମୋହନା, ୨୩।୨ (ମନ୍ମଥନାଥ ମିଶ୍ର):**

ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଷଷ୍ଠତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡ଼ିଓ ସଭାପତିତ୍ୱ କରିଥିବାବେଳେ ବ୍ଲକରେ ଥିବା ସମସ୍ତ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ୩୯ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିବା ବେଳେ ଚନ୍ଦ୍ରଗିରି ଓ ମୋହନା ଜୋନର ଜିଲା ପରିଷଦ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ହିଁ ହୋହାଲ୍ଲା ଦେଖିବାକୁ ମିଳିଥିଲା। ବ୍ଲକର ଅଧିକାଂଶ ୫–ଟି ରୂପାନ୍ତରିତ ବିଦ୍ୟାଳୟରେ ବିଦ୍ୟୁତ ଅବ୍ୟବସ୍ଥା, ଶିକ୍ଷକ ଅଭାବ, ପାନୀୟଜଳ ଭଳି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅଧିକାଂଶ ସମିତି ସଭ୍ୟ ଓ ସରପଞ୍ଚ ସେମାନଙ୍କ ପଞ୍ଚାୟତକୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ସେହିପରି ଅଧିକାଂଶ ପଞ୍ଚାୟତରେ ରାସ୍ତା, ପାନୀୟଜଳ, ଅଧାପନ୍ତରିଆ ପଡିରହିଥିବା ଅଙ୍ଗନୱାଡି କେନ୍ଦ୍ରକୁ ଚାଲୁ କରିବା ପାଇଁ ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥାପନା କରିଥିଲେ। ବ୍ଲକରେ ୬୩୭ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ୨୬୨ଟି କେନ୍ଦ୍ର ଚାଲୁ ରହିଥିବା ବେଳେ ୩୨ଟି କେନ୍ଦ୍ର ବିଦ୍ୟାଳୟ ଘରେ ଚାଲୁ ରହିଥିବା ଓ ୧୨ଟି କେନ୍ଦ୍ର ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଠିକାଦାର ହସ୍ତାନ୍ତର କରି ନଥିବା ଅଭିଯୋଗ ହୋଇଥିଲା। ୧୦ଟି କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଭଡ଼ା ଘରେ ରଖି ପାଠ ପଢ଼ାଉ ଥିବା କହିଥିଲେ ସିଡିପିଓ ଲଳିତା ମଲ୍ଲିକ। ଶେଷରେ ମୋହନା ସମିତି ସଭ୍ୟ ବାଳକୃଷ୍ଣ ମଳିକ ଗୋପାଳପୁର ଠାରୁ ରାୟଗଡ଼ାକୁ ମୋହନା ଦେଇ ରେଳ ସଂଯୋଗ କରିବା ପାଇଁ ଦାବି ଉପସ୍ଥାପନା କରିଥଲେ।

### ଦିବ୍ୟାଙ୍ଗ ପ୍ରଶାନ୍ତଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ପାଟପୁର, ୨୩।୨ (ସୀମାଞ୍ଚଳ ସାହୁ):**

ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଉସ୍ତା ଜଗନ୍ନାଥପୁର ଗ୍ରାମର ପ୍ରଶାନ୍ତ ସାହୁ ଜଣେ ଦିବ୍ୟାଙ୍ଗ। ଆର୍ଥିକ ଅନଟନ ଭିତରେ ଗତି କରୁଥିଲେ। ଗୁରୁବାର ଧରାକୋଟ ବ୍ଲକରେ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିଜର ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ଜନିତ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଦେଇଥିଲେ। ଶୁକ୍ରବାର ସକାଳେ ସାନଖେମୁଣ୍ଡି ବ୍ଲକ୍ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ୫–ଟି ବିଭାଗର ସ୍ୱୀକୃତି କ୍ରମରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତାଙ୍କୁ ୩୦ ହଜାର ଟଙ୍କାର ଅର୍ଥ ରାଶି ବ୍ଲକ୍ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ରାଧାଦେଇପୁର ସରପଞ୍ଚ ଡି.ରାକେଶ ପାତ୍ର, ଜିଲା ପରିଷଦ ସଭ୍ୟା ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ ଉପସ୍ଥିତ ଥିଲେ।

# ମା'ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

**ଦାରିଙ୍ଗବାଡି, ୨୩।୨ (ଅରୁଣ ସାହୁ):**

କନ୍ଧମାଳ ଜିଲା ଦାରିଙ୍ଗବାଡିଠାରେ ମା'ଠାକୁରାଣୀଙ୍କ ଯାତ୍ରା କରାଯିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଟିଡ଼ିସିସି ସଭାଗୃହ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀ ଯାତ୍ରା ପୂଜା କମିଟିର ସଭାପତି ଲଡୁକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା'ଠାକୁରାଣୀଙ୍କ ମନ୍ଦିରରୁ ଆଜ୍ଞା କୁମ୍ଭ ଶୋଭାଯାତ୍ରାରେ ବୈଠକ ସ୍ଥଳକୁ ଅଣାଯାଇଥିଲା। ପୂଜକ ରବି ମଳିକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ମାର୍ଚ୍ଚ ୨୭ରେ ଶୁଭଖୁଣ୍ଟି ସ୍ଥାପନ କରାଯିବା ପାଇଁ ନିଷ୍ପତି ନିଆଯିବା ସହ ଆସନ୍ତା ଚୈତ୍ର ମାସର ଶେଷ ମଙ୍ଗଳବାର ଏପ୍ରିଲ ୨୩ ଠାରୁ ମା'ଙ୍କ ଯାତ୍ରା ଆରମ୍ଭ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହା ମେ' ୭ ରେ ପୂର୍ଣ୍ଣାହୁତି ହେବ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଘଟ ପରିକ୍ରମା ପ୍ରତେକ ସାହିରେ କରାଯିବା ଆଦି ଆଲୋଚନା କରାଯାଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଭଗବାନ ସାହୁ, ଶିବଶଙ୍କର ସାହୁ, ବାପୁଜୀ ମିଶ୍ର, ଅବନୀ ସାହୁ, ଦୀପକ ସାହୁ, ଅମରେଶ ସାହୁ, ମନୋଜ ସାହୁ, ରଞ୍ଜିତ କୁମାର ସେନାପତି, ବାବୁଲି ସାହୁ, କୀର୍ତ୍ତି ଚନ୍ଦ୍ର ସାହୁ, ରୋଶନ ସାହୁ, ଆଇନଜ୍ଞୀ ଉମେଶ କର, ପ୍ରଦୀପ ସାହୁ, ପତିତପାବନ ରାଉତ, ସରପଞ୍ଚ ଚନ୍ଦ୍ରିକା ମଲିକ, ଅରୁଣ ପ୍ରଧାନ,ଅଇସନ୍ୟ ମଲିକ, ନନ୍ଦିନୀ ମଲିକ, ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଗ୍ରାମ୍ୟସ୍ତରୀୟ ଶିଶୁସୁରକ୍ଷା କମିଟିର କର୍ମଶାଳା




**ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଛା):**

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ଲକ୍ଷ୍ମୀପୁର ପଞ୍ଚାୟତ ଅନ୍ତର୍ଗତ ତିତିଲି ଗ୍ରାମରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ସହାୟତା ଓ ସିସି ସହଯୋଗରେ ଏକ ଗ୍ରାମ୍ୟସ୍ତରୀୟ ଶିଶୁସୁରକ୍ଷା କମିଟିର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସରପଞ୍ଚ ସନ୍ୟାସୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ, କିପରି ଏହି କମିଟି ଗ୍ରାମରେ ଥିବା ପ୍ରତ୍ୟେକ ଶିଶୁର ଯତ୍ନ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରିବ ଓ ଶିଶୁ ସୁରକ୍ଷା କମିଟିର ସଦସ୍ୟମାନଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି କମିଟି ପ୍ରତ୍ୟେକ ୩ ମାସକୁ ଥରେ ବୈଠକ କରାଯାଇ ଶିଶୁଙ୍କ ବିଷୟରେ ଆଲୋଚନା କରାଯିବା ସହ ସରକାରଙ୍କ ବିଭିନ୍ନ ଯୋଜନାରେ କିପରି ଅବହେଳିତ ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା। ଗ୍ରାମରେ ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଇତ୍ୟାଦିକୁ କିପରି ରୋକାଯାଇ ଗ୍ରାମକୁ କିପରି ଏକ ଆଦର୍ଶ ଗ୍ରାମ/ ଶିଶୁମିତ୍ର ଗ୍ରାମ/ ଶିଶୁମିତ୍ର ପଞ୍ଚାୟତ ଗଠନ କରିବା ସେହି ଦିଗରେ ଗ୍ରାମବାସୀ ଓ କମିଟି ମିଳିତ ଉଦ୍ୟମରେ ଆଗକୁ ନେବା ସହ ଏକ ଶପଥପାଠ କରଯାଇଥିଲା । ଏଥିରେ ଆଶା, ଅଙ୍ଗନବାଡି କର୍ମୀ, ସିଆରପି, ଗ୍ରାମର ମୁଖିଆ, ଗ୍ରାମର କୁଳ, ସମାଜର ମୁଖିଆ, ଏମବିକେ, ୱାର୍ଡ–ମେମ୍ବର, ଶିକ୍ଷକ, ଏସଏଚଜି ମହିଳା ସଂଘ, କିଶୋର ଓ କିଶୋରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିସିଡିର ସମ୍ପାଦକ ଏ. ଜଗନ୍ନାଥ ରାଜୁ ପରିଚାଳନା କରିଥିବା ବେଳେ ଦେବାଶିଷ ପାଇକ, ଶଙ୍କର ନାୟକ ଓ ସରିତା ପଟ୍ଟନାୟକ ପରିଚାଳନା କରିଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ପାଟପୁର, ୨୩।୨ (ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଟିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୮୬ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ମଧୁବାବୁ ପେନସନ ୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର ଯୋଗ ଦେଇଥିଲେ। ସରପଞ୍ଚ ସୀମାଞ୍ଚଳ ଗୌଡ଼, ନାଏବ ସରପଞ୍ଚ ସୁନିତା ଗୌଡ଼, ଗ୍ରାମସେବକ ପି. ରାମପ୍ରସାଦ ପୁଷ୍ଟି, ଜିଆରଏସ ଶିବରାମ ସାହୁ, ଯୋଗାଣ ସହାୟିକା ରିଙ୍କି ମହାରଣା, ବିଜୟ ନାୟକ ଏବଂ ପଟିଗୁଡା ଗ୍ରାମ ପଞ୍ଚାୟତର ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ।

# ପ୍ରତାରକ ପ୍ରେମିକ ଫେରାର, ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତା

**ଖଜୁରିପଡ଼ା, ୨୩।୨ (ବିଦୁର ବେହେରା)**

ପ୍ରେମିକ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଗତ ଜାନୁୟାରୀ ୨୩ ତାରିଖରେ ଖଜୁରିପଡ଼ା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ। ମାସକ ପରେ ବି ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିପାରି ନ ଥିବାରୁ ପୀଡ଼ିତା ଜଣଙ୍କ ଥାନାରୁ ଭରସା ତୁଟାଇ ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ, ନବଗୁବା ଗ୍ରାମର ଅଭିଯୁକ୍ତ ଯୁବକ ଜଣଙ୍କ ତାଙ୍କ ସହ ପ୍ରେମ ରଖିଥିଲେ। ପରେ ସେ ଶାରିରୀକ ସମ୍ପର୍କ ରଖିଥିଲେ। ୭ ମାସର ଗର୍ଭ ଧାରଣ କରିବାରୁ ପ୍ରେମିକା ବିବାହ କରିବାକୁ ପ୍ରେମିକଙ୍କୁ କହିଥିଲେ। ହେଲେ ସେ ବିବାହ କରିବା ପରିବର୍ତ୍ତେ ଔଷଧ ଦେଇ ଗର୍ଭ ନଷ୍ଟ କରିଦେଇଥିଲେ। ପୀଡ଼ିତା ମୃତ ନବଜାତ ଶିଶୁକୁ ଧରି ପ୍ରେମିକ ଘରକୁ ଯାଇ ବିବାହ କରିବାକୁ କହିଥିଲେ। ଅଭିଯୁକ୍ତ ପ୍ରେମିକ ତାଙ୍କୁ ଜୀବନରେ ମାରି ଦେବାର ଧମକ ଦେବାରୁ ସେ ଗତ ମାସରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୧୨/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କ ବାପାଙ୍କୁ ଥାନାକୁ ନେଇ ଆଲୋଚନା କରି ଛାଡ଼ିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏସ୍‌ପିଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିବା ପୀଡ଼ିତାଙ୍କ ପରିବାର ଲୋକ କହିଛନ୍ତି।

# ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା ମହିଳା ଓ ପୁରୁଷ କର୍ମୀ

**ବାଲିଗୁଡ଼ା, ୨୩।୨ (ସଞ୍ଜୟ କୁମାର ପାଣିଗ୍ରାହୀ):**

କନ୍ଧମାଳ ଜିଲା ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କୋଟଗଡ଼ ବ୍ଲକ୍ ଏମପି ପ୍ରତିନିଧି ମନୋଜ ସାବତଙ୍କ ନେତୃତ୍ୱରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ଟୁନା ଦାସଙ୍କ ଉପସ୍ଥିତିରେ ନିର୍ବାଚନ ମଣ୍ଡଳୀର କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ପାରିଗଡ଼ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡ଼ିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଅଞ୍ଚଳର ମା'ମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଣୁ ଆମେ ସଂକଳ୍ପ ବଦ୍ଧ, ଆମେ ଟୁନା ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଥିରେ ଅଛୁ ଏବଂ ରହିବୁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ଆମେ ମଧ୍ୟ ଅଞ୍ଚଳବାସୀଙ୍କ ସାଥିରେ ଥିଲୁ, ଅଛୁ ଏବଂ ଆଗକୁ ମଧ୍ୟ ରହିବୁ ବୋଲି ଟୁନା ଦାସ ଓ ମନୋଜ ସାବତ କହିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ କୁଣ୍ଡେଇସିଂ ଗ୍ରାମବାସୀ

**ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଛା):**

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ଭାବେ ପରିଚିତ। ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏଠି ଲୋକଙ୍କ ଗମନାଗମନ, ପାନୀୟ ଜଳର ସୁବିଧା, ପାଠ ପଢ଼ାରୁ ବଞ୍ଚିତ ଅଛନ୍ତି ଗ୍ରାମବାସୀ। ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ପଞ୍ଚାୟତର କୁଣ୍ଡେଇସିଂ ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମରେ ପ୍ରାୟ ପାଖାପାଖି ୧୦୦ ପରିବାର ରହୁଥିବା ବେଳେ ଜନସଂଖ୍ୟା ପ୍ରାୟ ୬୦୦ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ପକ୍କା ରାସ୍ତାଟିଏ ନ ଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ନେବାଆଣିବା କଷ୍ଟକର ହୋଇପଡୁଛି। ଏପରି କି ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବା କଷ୍ଟ ହୋଇପଡୁଛି। ପିଲାମାନେ ପାଠ ପଢିବା ପାଇଁ ସ୍କୁଲ ଯିବାଆସିବା କରିବା ସମ୍ଭବପର ହେଉନାହିଁ। ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଗର୍ଭବତୀ ମା'ମାନଙ୍କ ପାଇଁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମରେ ନଳକୂପ ଅଛି, କିନ୍ତୁ ଅଚଳ ହୋଇପଡିଥିବାରୁ ବିଶୁଦ୍ଧ ପାନୀୟ ଜଳର ସୁବିଧା ନାହିଁ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଅଛି, ଛାତ୍ରୀଛାତ୍ରମାନଙ୍କ ପାଇଁ କୋଠା ଗୃହ ଆବଶ୍ୟକ ରହିଛି, ପକ୍କା ରୋଷେଇ ଗୃହ ଓ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବା ପାଇଁ ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ ନିର୍ମାଣ ହୋଇପାରୁନାହିଁ। ସମସ୍ୟାଗୁଡିକ ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ଗ୍ରାମର ଏହିସବୁ ସମସ୍ୟା ଦୂର ନ ହୁଏ ତେବେ ୨୦୨୪ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜ୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଗ୍ରାମମଧ୍ୟକୁ ଯାଇଥିବା ପଥରୁଆ ରାସ୍ତା।

## ସଂକ୍ଷେପରେ

### ରୋଟାରି କ୍ଲବର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)– ବ୍ରହ୍ମପୁର ରୋଟାରି କ୍ଲବ ପକ୍ଷରୁ ଶୁକ୍ରବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରୁ ଆଇଟିଆଇ ପର୍ଯ୍ୟନ୍ତ ଏକ ବାଇକ ରାଲି ହୋଇଥିଲା। କ୍ଲବର ସଦସ୍ୟ ନାରାୟଣ ମିଶ୍ର ରାଲିକୁ ଉଦଘାଟନ କରିଥିଲେ। ସନ୍ଧ୍ୟାରେ କ୍ଲବ ପକ୍ଷରୁ ଏକ କ୍ୟାଣ୍ଡେଲ ରାଲି କରାଯାଇଥିଲା। ରାମଲିଙ୍ଗେଶ୍ୱର ରୋଡଠାରୁ ରୋଟାରୀ କ୍ଲବ ପର୍ଯ୍ୟନ୍ତ ରାଲି ହୋଇଥିଲା। ଏହାପରେ କ୍ଲବ ସଭାଗୃହ ପରିସରରେ ଏକ ସଭା ହୋଇଥିଲା। ଏଥିରେ କ୍ଲବର ସଦସ୍ୟ ଅନୀଲ ସାମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ ମିଡ ଟାଉନର ସଭାପତି ବନ୍ଦିତା ତ୍ରିପାଠୀ, ସଂପାଦକ ସୁସ୍ମିତା ଶର୍ମାଙ୍କ ସମେତ ମୋହନ ସୁବୁଦ୍ଧି, ଭି ଜୟରାମ, ପ୍ରଦ୍ୟୁମ୍ନ ରଥ ଓ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଶିଶିର ଖେଲୋ ଇଣ୍ଡିଆ ବକ୍ସିଂ ପ୍ରତିଯୋଗିତାର ରେଫରି

ବ୍ରହ୍ମପୁର,୨୩।୪(ତନୁଶ୍ରୀ ନାହାକ)



ଆସନ୍ତା ୨୫ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ସିକିମ୍ ଗ୍ୟାଙ୍ଗଟକଠାରେ ଜାତୀୟସ୍ତରୀୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ହେବ। ଏଥିରେ ହେବାକୁ ଥିବା ବକ୍ସିଂ ପ୍ରତିଯୋଗିତାରେ ବ୍ରହ୍ମପୁର ବକ୍ସିଂ କୋଚ ଶିଶିର କୁମାର ପାଣିଗ୍ରାହୀ ଜାତୀୟ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟ ଆମେଚର ବକ୍ସିଂ ସଂଘର ସମ୍ପାଦକ ଅନୀଲ କୁମାର ବୋହିଦାର ଏହି ସୂଚନା ଦେଇଛନ୍ତି। ଏହି ଦାୟିତ୍ୱ ନିର୍ବାହ ନିମନ୍ତେ ମନୋନୀତ ହୋଇଥିବାରୁ ରାଜ୍ୟ ବକ୍ସିଂ ସଂଘ ସଭାପତି ଅଧିପ ଦାସଙ୍କ ସମେତ ଜିଲା ବକ୍ସିଂ ସଂଘ ସମ୍ପାଦକ କେ. ପ୍ରଭାକର ରାଓ, ଜିଲା କ୍ରୀଡ଼ାସଂଘ ସମ୍ପାଦକ ଅଶୋକ ସାହୁ, ଅଞ୍ଜନ ଦାସ, ବିଜୟ ଦାସ, ଆଶୀର୍ବାଦ ବେହେରା ପ୍ରମୁଖ ଶିଶିରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କୃଷି ସହାୟତା ବଣ୍ଟନ

ଆସିକା ୨୩।୨ (ସୁରେନ୍ଦ୍ରନାଥ ସାହୁ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପାଣ୍ଠି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତ୍ମାର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକଙ୍କ ଅଧ୍ୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏତଦ ଅବସରରେ ଆସିକା ବ୍ଲକର ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ ହଜାର ଟଙ୍କା ଲେଖାଏଁ କୃଷି ସହାୟତା ପାଣ୍ଠି ପ୍ରଦାନ କରାଯାଇଛି । କୃଷି ଏବଂ କୃଷି ଭିକ କାର୍ଯ୍ୟରେ ଏହି ଅର୍ଥ ସବୁ ବିନିଯୋଗ ପୂର୍ବକ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ପାଣ୍ଠି ପ୍ରଦାନ କରାଯାଇଥିବା ଜଣାଯାଇଛି । ଏତଦ ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ହାଇବ୍ରିଡ ପନିପରିବା ଚାଷ, ଛତୁ ଚାଷ, ତୈଳବୀଜ ଫସଲ ଚାଷ ଆଦି ପ୍ରକଳ୍ପ ଦିଆଯାଇଛି।

### ଯୁବକଙ୍କୁ ମାଡ଼ମାରି ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ) ଲାଞ୍ଜିପାଲି ଓ ଖଜୁରିଆ ନିକଟ ବାଇପାସ୍ ଠାରେ ମଙ୍ଗଳବାର ଅଲିସାନ ଅହମ୍ମଦ ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ମାଡ଼ମାରି ୩୦ହଜାର ଟଙ୍କା ଏବଂ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଗୋଲନ୍ଥରା ଥାନା ଅନ୍ତର୍ଗତ କେ. ସୁବାଣୀର ଏ.ବାବୁଜି ସୁବୁଦ୍ଧି ଓରଫ ଆନ୍ନାଙ୍କୁ ଗିରଫ କରିଛି। ସେ ଲୁଟିଥିବା ମୋବାଇଲ ଫୋନ ଓ ଦୁଇ ହଜାର ଟଙ୍କା ଜବତ କରାଯାଇଛି। ମାମଲା ନଂ.୭୬/୨୪ରେ ଆନ୍ନାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଉତ୍ତରପ୍ରଦେଶର ଅଲିସାନ୍ ଓ ତାଙ୍କର କେତେଜଣ ସାଙ୍ଗ ଅମ୍ବପସରା ରୋଡ଼ସ୍ଥିତ ଆମ୍ରମାର୍କେଟ ନିକଟରେ ଘର ଭଡା ନେଇ ରହୁଛନ୍ତି। ସେମାନେ ବାହାଘରରେ ପଞ୍ଜାବୀ ଢୋଲ ବଜାନ୍ତି। ଏକ ବାହାଘରରେ ଢୋଲ ବଜାଇବା ବାବଦ ୩୦ହଜାର ଟଙ୍କା ନେଇ ଅଲିସାନ ଫେରୁଥିବା ବେଳେ ୨ ଜଣ ତାଙ୍କୁ ଅଟକାଇଥିଲେ।ସେମାନେଢୋଲ ବଜାଇବା ପାଇଁ କଥା ହେବାକୁ କହି ଅଲିସାନଙ୍କୁ ବାଇକରେ ଖଜୁରିଆ ବାଇପାସ୍ ନିକଟକୁ ନେଇଯାଇଥିଲେ। ସେଠାରେ ପ୍ରାଣାନ୍ତକ ଆକ୍ରମଣ କରି ଟଙ୍କା ଓ ମୋବାଇଲ୍ ଝାମ୍ପି ନେଇଥିଲେ। ଅଲିସାନଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା।

# ଖାଦ୍ୟରେ ମିଶୁଛି ଚାଇନା ସଲ୍ଟ



ବ୍ରହ୍ମପୁର,୨୩।୨(ତନୁଶ୍ରୀ ନାହାକ)

- ବ୍ରହ୍ମପୁରରେ ମାସିକ ୧୫ ଟନ୍ ବିକ୍ରି ହେଉଛି
- କ୍ଷତିକାରକ ହୋଇଥିଲେ ବି ନିଘା ନାହିଁ

ରେଶମ ସହର ବ୍ରହ୍ମପୁରକୁ ରାଜ୍ୟର ଫୁଡ଼ କ୍ୟାପିଟାଲ ବୋଲି ମଧ୍ୟ କୁହାଯାଏ। ରାତି ପାହିବାଠାରୁ ଆରମ୍ଭ କରି ପୁଣି ରାତି ଯାଏ ଏଠାର ପ୍ରସିଦ୍ଧ ପୁରି ଉପମା ହେଉ କିମ୍ବା ଫାଷ୍ଟଫୁଡ଼୍ ପ୍ରତ୍ୟେକ ଦୋକାନ ଆଗରେ ଲୋକଙ୍କ ଭିଡ଼ ଲାଗି ରହିଥାଏ। ଚାହିଦାକୁ ଦୃଷ୍ଟିରେ ରଖି ହୋଟେଲ ଓ ଫାଷ୍ଟଫୁଡ଼ ମାଲିକମାନେ ଖାଦ୍ୟ ଶୀଘ୍ର ପ୍ରସ୍ତୁତ କରିବା ଓ ଏହାର ସ୍ୱାଦ ବଢ଼ାଇବା ନିମନ୍ତେ ବିଭିନ୍ନ ରାସାୟନିକ ଦ୍ରବ୍ୟ ଯଥା ଚାଇନା ସଲ୍ଟ, ଭିନେଗାର, ରଙ୍ଗ ସହ ବିଭିନ୍ନ ପ୍ରକାର ସସ୍ ବହୁଳ ବ୍ୟବହାର କରିଥାନ୍ତି। ଯାହାକି, ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ଡାକ୍ତର କହିଥାନ୍ତି। ହେଲେ ଏଥିପ୍ରତି କାହାର ଭ୍ରୁକ୍ଷେପ ନ ଥାଏ। ମୁଖ୍ୟତଃ ଖାଦ୍ୟରେ ଅଧିକ ଚାଇନା ସଲ୍ଟ ବ୍ୟବହାର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ଚାଇନା ସଲ୍ଟର ରାସାୟନିକ ନାମ ହେଉଛି ମନୋ ସୋଡିୟମ ଗ୍ଲୁଟାମେଟ। ଏହାକୁ ନିୟମିତ ସେବନ କରାଗଲେ ଏହା ମସ୍ତିଷ୍କ ସ୍ନାୟୁତନ୍ତ୍ରକୁ ପ୍ରଭାବିତ କରିବା ସହ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ଗ୍ୟାସଟ୍ରିକ ଆଦି ସମସ୍ୟା ଦେଖାଦିଏ। ଏହାସତ୍ତ୍ୱେ ବି ବ୍ରହ୍ମପୁର ସହରରେ ମାସିକ ପ୍ରାୟ ୧୫ଟନ୍ ଚାଇନା ସଲ୍ଟ ବିକ୍ରି ହେଉଛି। କ୍ଷତିକାରକ ହୋଇଥିଲେ ବି ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

ବ୍ରହ୍ମପୁର ବଜାରରେ ଚାଇନା ସଲ୍ଟ ହେଲସେଲରେ କେଜିପ୍ରତି ୧୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଖୁଚୁରାରେ ୧୪୦ ଟଙ୍କାରେ ବିକ୍ରି ଚାଲିଛି। ମସଲା ଦୋକାନଠାରୁ ଆରମ୍ଭ କରି ସହରର ପ୍ରତ୍ୟେକ ରାଶନ ଦୋକାନରେ ମଧ୍ୟ ଏହା ମିଳୁଛି। ବିବାହ ଋତୁରେ ଏହାର ବହୁଳ ବିକ୍ରି ହେଉଛି। ବଡ଼ବଜାର ଖୁଚୁରା ବ୍ୟବସାୟୀ ପ୍ରତାପ ଚନ୍ଦ୍ର ସାହୁ କହିଛନ୍ତି ଯେ, ସେ ଦୈନିକ ପ୍ରାୟ ୧ ବସ୍ତା (୨୫ କିଲୋଗ୍ରାମ) ଚାଇନା ସଲ୍ଟ ବିକ୍ରି କରୁଛନ୍ତି। ବିବାହ ଋତୁରେ ବିକ୍ରି ଦୁଇଗୁଣା ହୋଇଯାଉଛି। ବଜାରରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମସଲା ଗୋଦାମରେ ଏହି ଚାଇନା ସଲ୍ଟ ବିକ୍ରି ହେଉଛି। ଜଣେ ଗୋଦାମ ମାଲିକ ସାଧାରଣ ଦିନରେ ମାସିକ ପ୍ରାୟ ୮୦ ବସ୍ତା ଓ ବିବାହ ଋତୁରେ ୨୦୦ ବସ୍ତା ପର୍ଯ୍ୟନ୍ତ ଚାଇନା ସଲ୍ଟ ବିକ୍ରି କରିଥାନ୍ତି। ପ୍ରତି ମାସରେ ୨ଟ୍ରକ ଚାଇନା ସଲ୍ଟ ବ୍ରହ୍ମପୁର ବଜାରକୁ ଆସୁଥିବା ବଡ଼ବଜାର ବହୁ ପୁରାତନ ମସଲା ଗୋଦାମ ମାଲିକ କହିଛନ୍ତି। ଏପରି ଦେଖିବାକୁ ଗଲେ ବ୍ରହ୍ମପୁର ବଜାରରେ ମାସିକ ୧୫ ଟନ ଚାଇନା ସଲ୍ଟ ବିକ୍ରି ହେଉଛି। ଯାହାକୁ ଖାଦ୍ୟରେ ଗ୍ରହଣ କରାଯାଉଛି।

## ଏମାନେ କୁହନ୍ତି



“ଖାଦ୍ୟକୁ ସ୍ୱାଦିଷ୍ଟ କରିବା, ଶୀଘ୍ର ଖାଦ୍ୟ ପ୍ରସ୍ତୁତ କରିବା, ବିଶେଷକରି ଆମିଷ ଖାଦ୍ୟ ପ୍ରସ୍ତୁତିରେ ଚାଇନା ସଲ୍ଟ ବ୍ୟବହାର ହୋଇଥାଏ। ବର୍ତ୍ତମାନ ବଜାରରେ ଯେଉଁଭଳି ଭାବେ ପ୍ରତିଯୋଗିତା ଚାଲିଛି, ସେଥିନିମନ୍ତେ ଏହାର ବହୁଳ ବ୍ୟବହାର କରାଯାଉଛି। ଯାହାଦ୍ୱାରା ଗ୍ରାହକଙ୍କୁ ଆକୃଷ୍ଟ କରିହେବ।

**ଜଗନ୍ନାଥ ପାଣିଗ୍ରାହୀ, ହୋଟେଲ ମାଲିକ**



“ଚାଇନା ସଲ୍ଟରେ ଯେଉଁ ରାସାୟନିକ ପଦାର୍ଥ ରହିଛି ତାହା ଶରୀରରେ ବହୁ ରୋଗ ସୃଷ୍ଟି କରିଥାଏ। ରସାୟନିକ ପଦାର୍ଥ ମିଶ୍ରିତ ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଶରୀରରେ ଯକୃତ କ୍ୟାନସର ସମ୍ଭାବନା ବହୁଳ ମାତ୍ରାରେ ବୃଦ୍ଧି ପାଇଥାଏ। ଏଣୁ ଯଥା ସମ୍ଭବ ଏହାଠୁ ଦୂରେଇ ରହିବା ଆବଶ୍ୟକ।

**ଡ଼.ସୁଚିତ୍ରା ହାଲଦାର, ଭେଷଜ ବିଶେଷଜ୍ଞ**



“ଫାଷ୍ଟଫୁଡ଼ ମୋର ବହୁତ ପସନ୍ଦ। ମୋ ଭଳି ଅନେକ ସକାଳେ ଓ ସନ୍ଧ୍ୟାରେ ଫାଷ୍ଟଫୁଡ଼ ସେଣ୍ଟର, ହୋଟେଲ ଆଦିରେ ଭିଡ଼ ଲଗାନ୍ତି। ବାହାର ଖାଦ୍ୟରେ ବ୍ୟବହାର ହେଉଥିବା ଚାଇନା ସଲ୍ଟ, କଲର ଭଳି ରାସାୟନିକ ଦ୍ରବ୍ୟ ଶରୀର ପାଇଁ କ୍ଷତିକାରକ। ଏହି ଅଭ୍ୟାସ ଛାଡିବାକୁ ଚେଷ୍ଟା କରିବି।

**ଜଲାଲ ଖାନ, ଖାଦ୍ୟପ୍ରେମୀ**

# ବ୍ୟାଙ୍କରେ ୯ ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ୍ ଥାନା ଅଞ୍ଚଳରେ ଏକ ବ୍ୟାଙ୍କରେ ଜଣେ ଗ୍ରାହକ ଜମା ରଖିଥିବା ୯ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାହକ ଭୀଷ୍ମଗିରି ଅଞ୍ଚଳର ରବୀନ୍ଦ୍ର କୁମାର ପଣ୍ଡା ଏନେଇ ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ରବୀନ୍ଦ୍ରଙ୍କ ଅଭିଯୋଗ ପ୍ରକାରେ ୨୦୨୧ ମାର୍ଚ୍ଚ ୯ ତାରିଖରେ ସେ ୯ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍ କରିଥିଲେ। ମାଚ୍ୟୁରିଟି ସମୟ ହେବା ପରେ ସେ ବ୍ୟାଙ୍କକୁ ଆସି ଟଙ୍କା ଉଠାଇବାକୁ କହିଥିଲେ। କିନ୍ତୁ ବ୍ୟାଙ୍କରେ କେହି ତାଙ୍କ କଥା ଶୁଣି ନଥିଲେ। ବ୍ୟାଙ୍କ୍ କର୍ମଚାରୀମାନେ ତାଙ୍କୁ ଅଣଦେଖା କରିବା ସହ ସମୟ ଗଡ଼ାଇ ଚାଲିଲେ। ଗତ ଡିସେମ୍ବର ୯ ତାରିଖରେ ସେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ତାଙ୍କ ମାଚ୍ୟୁରିଟି ଟଙ୍କା ସମ୍ପର୍କରେ ପଚାରିଥିଲେ। ମ୍ୟାନେଜର ଏହି ଟଙ୍କା ଉଠାଣ ହୋଇସାରିଛି ବୋଲି କହିଥିଲେ। ଟଙ୍କା ଉଠାଣ ସମ୍ପର୍କରେ ତାଙ୍କୁ କାହିଁକି ସୂଚନା ଦିଆଯାଇନି ବୋଲି ସେ ପ୍ରଶ୍ନ କରିବାରୁ ସେ କିଛି କହିନଥିଲେ। ଏ ନେଇ ରବୀନ୍ଦ୍ରଙ୍କ ଅଭିଯୋଗ ପ୍ରକାରେ ୭୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ହତ୍ୟା ଉଦ୍ୟମ ମାମଲା: ବାପା, ୨ ପୁଅ ନିର୍ଦ୍ଦୋଷ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ବିଷ୍ଣୁପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ସେ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ପ୍ରତାପକୃଷ୍ଣଚନ୍ଦ୍ରପୁର ଗ୍ରାମର ଧୋବା ପ୍ରଧାନ, ୨ ପୁଅ ରିଙ୍କୁ ପ୍ରଧାନ ଓ କାଳିଆ ପ୍ରଧାନ।

ଧୋବାଙ୍କ ସହ ତାଙ୍କ ଗ୍ରାମର କନ୍ତାରୁ ଗୌଡ଼ଙ୍କ ମଧ୍ୟରେ ଏକ ଜମିକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୨ ଅଗଷ୍ଟ ୧୬ ତାରିଖରେ କନ୍ତାରୁ ନିଜ ଜମିରେ କାମ କରୁଥିବା ବେଳେ ସେଠାରେ ଦୁଇ ପୁଅଙ୍କ ସହ ଧୋବା ପହଞ୍ଚି ତାଙ୍କ ସହ ଝଗଡା କରିଥିଲେ। କନ୍ତାରୁ ଏହାର ପ୍ରତିବାଦ କରିବାରୁ ସେମାନେ କୋଦାଳରେ ତାଙ୍କ ମୁଣ୍ଡକୁ ପିଟିଥିଲେ। ଖବରପାଇ କନ୍ତାରୁଙ୍କ ପୁଅ ଶ୍ରୀନୁ ଗୌଡ଼ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। କନ୍ତାରୁ ଓ ତାଙ୍କ ପୁଅ ଜମିରେ ଅଚେତ ଅବସ୍ଥାରେ ପଡ଼ିଥିଲେ। ଅନ୍ୟ ଜମିରେ କାମ କରୁଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ଏନେଇ ଥାନାରେ ଅଭିଯୋଗ ପ୍ରକାରେ ପୋଲିସ ନଂ ୩୬୩/୨୨ରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନଥିବାରୁ ସିଜେଏମ୍ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମାମଲା ପରିଚାଳନା କରିଥିଲେ।

# ବିଜୟ ସଂକଳ୍ପକୁ ଚ୍ୟାଲେଞ୍ଜ କଲା ନବୀନ ଓଡ଼ିଶା

ବ୍ରହ୍ମପୁର,୨୩।୨(ନରସିଂହ ସାହୁ)

**ବ୍ରହ୍ମପୁରରେ ଗୋପାଳପୁର ରାଜନୀତି ଉଷ୍ମ**

ଗୋପାଳପୁର ବିଧାନସଭା କ୍ଷେତ୍ର ଅନ୍ତର୍ଭୁକ୍ତ ବିଏମସି ୪୨ନଂ ୱାର୍ଡର ଆମ୍ବପୁଆରେ ଗତ ଗୁରୁବାର ଭାଜପାର ବିଜୟ ସଂକଳ୍ପ ସମାବେଶ ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଶୁକ୍ରବାର ବିଜେଡି ପକ୍ଷରୁ ୪୨, ୩୯ ଓ ୩୮ ନଂ ୱାର୍ଡରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ କରାଯାଇଛି। ଶତାଧିକ କର୍ମୀ ସନ୍ଧ୍ୟା ଯାଏ ପଦଯାତ୍ରା ମାଧ୍ୟମରେ ରାଜ୍ୟ ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନାଗୁଡ଼ିକ ସମ୍ପର୍କରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି। ଭାଜପା ସମାବେଶରେ କେନ୍ଦ୍ରୀୟ ଯୋଜନା ରାଜ୍ୟ ସରକାର ହଡ଼ପ କରି ବିଭ୍ରାନ୍ତି ସୃଷ୍ଟି କରୁଥିବା ଅଭିଯୋଗ କରାଯାଇଥିବା ବେଳେ ନବୀନ ଓଡ଼ିଶା ମାଧ୍ୟମରେ କିଭଳି ସହାୟତା ଦିଆଯାଉଛି ସେନେଇ ଲୋକଙ୍କୁ କୁହାଯାଇଥିଲା।

ସୂଚନାଯୋଗ୍ୟ ୩୯ ନଂ ୱାର୍ଡରେ ଭାଜପାର ମହିଳା କର୍ପୋରେଟର ଅଛନ୍ତି। ତେଣୁ ଗୁରୁବାର ଭାଜପା ସମାବେଶ ପରେ ବିଜେଡି ପ୍ରଥମେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଭାଜପାର ଅପପ୍ରଚାରକୁ ଖଣ୍ଡନ କରାଯାଇଥିଲା। ଗୋପାଳପୁର ନିର୍ବାଚନବାସୀ ବିଜେଡିକୁ ସମର୍ଥନ ଅତୁଟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ସଂଯୋଜନା କରିଥିଲେ। ମେୟର ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ବିବେକ ରେଡ୍ଡି, ୩୮ନଂ ୱାର୍ଡ କର୍ପୋରେଟର ସ୍ୱର୍ଣ୍ଣଲତା ସାବତ ପ୍ରମୁଖ ଯୋଗ ଦେଇଥିଲେ।

ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲଙ୍କ ସମେତ ମହିଳା ବିଜେଡି ନଗର ସଭାନେତ୍ରୀ ସୋନାଲି ଗନ୍ତାୟତ, ଜୋନ ସଭାନେତ୍ରୀ ମମତା ବିଶୋୟୀ ଓ ବହୁ ସଂଖ୍ୟକ ମହିଳା କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯୁବ ଓ ଛାତ୍ର ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ୫–ଟି ଅଧ୍ୟକ୍ଷଙ୍କ ତ୍ୱରିତ ପଦକ୍ଷେପ
# ୨ ଦିବ୍ୟାଙ୍ଗ ପାଇଲେ ଆର୍ଥିକ ସହାୟତା

ଧରାକୋଟ ,୨୩।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଗୁରୁବାର ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧରାକୋଟ ଗସ୍ତରେ ଆସି ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଠିକ ୭ଘଣ୍ଟା ପରେ ଦୁଇ ଦିବ୍ୟାଙ୍ଗଙ୍କ ଅଭିଯୋଗ ଉପରେ ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲା। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୦ ହଜାର ଲେଖାଏଁ ଆର୍ଥିକ ସହାୟତା ଦେବାକୁ ନିର୍ଦ୍ଦେଶ ଆସିଥିଲା। ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରା, ବରିଷ୍ଠ ସହାୟକ ପ୍ରଶାନ୍ତ ଦାସ ପ୍ରମୁଖ ଜଗନ୍ନାଥପୁର ଶାସନ ଗ୍ରାମରେ ପହଞ୍ଚି ଶିବରାମ ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନଙ୍କ ୯ ବର୍ଷର ଦିବ୍ୟାଙ୍ଗ ବାଳକ ସାଇରାମଙ୍କ ଅଧିକ ଚିକିତ୍ସା ପାଇଁ ୩୦ହଜାର ଟଙ୍କାର ଚେକ ଦେଇଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ସିଙ୍ଗିପୁର ଗ୍ରାମର ରବି ନାରାୟଣ ଦାସ ଓ ରିତୁ ଦାସଙ୍କ ଦିବ୍ୟାଙ୍ଗ ପୁତ୍ର ଚନ୍ଦନଙ୍କ ଚିକିତ୍ସା ପାଇଁ ୩୦ ହଜାର ଟଙ୍କାର ଚେକ ଦିଆଯାଇଥିଲା।

# କୁକୁର ବନ୍ଧ୍ୟାକରଣ ପାଇଁ ଦାବିପତ୍ର

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)



ଆଇନଜୀବୀଙ୍କ ପକ୍ଷରୁ ଡେପୁଟି କମିଶନରଙ୍କୁ ଦାବିପତ୍ର ଦିଆଯାଉଛି।

ବ୍ରହ୍ମପୁର ସହରରେ ଦିନକୁ ଦିନ କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଲୋକେ କୁକୁର କାମୁଡାର ଶିକାର ହେଉଛନ୍ତି। ମୁଖ୍ୟରାସ୍ତା ଓ ସାହି ଗୁଡିକରେ କୁକୁରଙ୍କ ଯୋଗୁ ଦୁର୍ଘଟଣା ଘଟୁଛି। କୁକୁର ବନ୍ଧ୍ୟାକରଣ ପାଇଁ ସହରବାସୀଙ୍କଠାରୁ ଆରମ୍ଭ କରି ବହୁ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଛି। କିନ୍ତୁ ବିଏମସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। କୁକୁର ବନ୍ଧ୍ୟାକରଣ ଦାବିରେ ଗତ ଜାନୁଆରୀ ୧୪ ତାରିଖରେ ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ବିଏମସି କମିଶନରଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଧାରଣା ଦେଇଥିଲେ। ସେ ସମୟରେ କମିଶନର ୭ ଦିନ ମଧ୍ୟରେ ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏ ଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଆଇନଜୀବୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଶୁକ୍ରବାର ସେ ଡେପୁଟି କମିଶନର ଆର୍ଶିବାଦ ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କୁକୁର ବନ୍ଧ୍ୟାକରଣ ପାଇଁ ପଦକ୍ଷେପ ଗ୍ରହଣ ନେବାକୁ ନିଗମର ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ମୋହନ ଦାଶ କହିଥିଲେ ଯେ, ବନ୍ଧ୍ୟାକରଣ ନେଇ ଟେଣ୍ଡର କରାଯାଇଛି। କିନ୍ତୁ କେହି ବି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ତେବେ ଦାବି ପୂରଣ ନ ହେଲେ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ପୁଣି ର ଧାରଣା ଦେବେ ବୋଲି ଆଇନଜୀବୀ ଚେତାବନୀ ଦେଇଛନ୍ତି।

# ପୁରୀ–ଅହମଦାବାଦ ଟ୍ରେନ୍ ମାଉଣ୍ଟ ଆବୁ ଯାଏଁ ସମ୍ପ୍ରସାରଣ ଦାବି



ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)

ପୁରୀ–ଅହମଦାବାଦ ଟ୍ରେନ ମାଉଣ୍ଟ ଆବୁ ଯାଏ ସଂପ୍ରସାରଣ କରିବାକୁ ବରିଷ୍ଠ ନାଗରିକ ମଞ୍ଚ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଦସ୍ୟା ଓ ସଦସ୍ୟଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଶୁକ୍ରବାର ଖୋର୍ଦ୍ଧା ରୋଡ ଡିଆରଏମଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ରାଜସ୍ଥାନରେ ଥିବା ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁଠାରେ ବର୍ଷ ତମାମ ବିଭିନ୍ନ ତାଲିମ ଶିବିର ଓ ସଚେତନତା ସଭାରେ ଯୋଗ ଦେବାକୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯାତ୍ରା କରିଥାନ୍ତି। ସେଠାକୁ ଟ୍ରେନରେ ଗଲେ ଅହମଦାବାଦ ଷ୍ଟେଶନଠାରେ ଓହ୍ଲାଇ ଅନ୍ୟ ଟ୍ରେନରେ ମାଉଣ୍ଟ ଆବୁ ଯିବାକୁ ପଡୁଛି। ଯାହାଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପୁରୀ–ଅହମଦାବାଦ ଟ୍ରେନକୁ ମାଉଣ୍ଟ ଆବୁ ଯାଏଁ ସଂପ୍ରସାରଣ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଗଣେଶ ଚନ୍ଦ୍ର ପଣ୍ଡା, ବିଭୂ କୁମାର ସାହୁ, ବି ସାଇକ୍ରିଷ୍ଣା ଆଚାରୀ ଓ ମୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବୁଗୁଡ଼ା,୨୩।୨(କାଳିଚରଣ ଦାଶ):

ସ୍ଥାନୀୟ ସାଇ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସଭାପତି ମାନସ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏମଆରଟିଏସ୍ ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ପ୍ରଧାନାଚାର୍ଯ୍ୟ ଶ୍ୟାମସୁନ୍ଦର ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା



କବିସୂର୍ଯ୍ୟନଗର,୨୩।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସୁବଳୟାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଡିଓ ସାଗରିକା ଷଡଙ୍ଗୀ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ପରିଚାଳନା କରିଥିଲେ। ସରପଞ୍ଚ ରାଜେନ୍ଦ୍ର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଡିଓ, ବିଏସଏସଓ ସହାୟିକା ଭବାନୀ ମହାପାତ୍ର, ସିଡିପିଓ ବୀଣାପାଣି ମିଶ୍ର, ଏମଆଇ ନିଖିଳ କୁମାର ବଡ଼ିଆ ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଦିବାକର ଶତପଥୀ ଓ ଉପସ୍ଥାପକ ବଳରାମ ପୋଲାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ ତ୍ରିପାଠୀ, ବାଉଁସିଆ ସମିତି ସଭ୍ୟା ପ୍ରତିନିଧି ଗୋପୀନାଥ ନାୟକ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ନନ୍ଦିଆଗଡା ସରପଞ୍ଚ ପ୍ରତିନିଧି ମିଥୁନ ସାହୁ ,ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ବଡ଼ମହୁରି ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଭଞ୍ଜନଗର ଏନ୍‌ଏସିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଭଞ୍ଜନଗର,୨୩।୨ (ବାବୁଲା ପ୍ରଧାନ):



ମନ୍ତ୍ରୀ ଗାନ୍ଧୀ ସ୍ମୃତି ଭବନର ଶିଳାନ୍ୟାସ କରୁଛନ୍ତି ।

ଭଞ୍ଜନଗର ଏନ୍‌ଏସିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭଞ୍ଜନଗର ସହରର ବିକାଶ ପାଇଁ ଆଜି ଯାହା ଆବଶ୍ୟକତା ଥିଲା ତାହା କରାଯାଇଛି। ଭଞ୍ଜନଗର ସହର ଆଜି ଏକ ପରିପୂର୍ଣ୍ଣ ସହର ହୋଇପାରିଛି। ଅଢ଼େଇ କୋଟି ଟଙ୍କା ବ୍ୟୟରେ ପ୍ରେସ୍ କ୍ଲବକୁ ଲାଗି ଗାନ୍ଧୀ ସ୍ମୃତିଭବନର ଶିଳାନ୍ୟାସ ହୋଇଛି। ଭଞ୍ଜନଗର ଉପଖଣ୍ଡର ଅବସରପ୍ରାପ୍ତ ସୈନିକମାନେ ସହରକୁ ଆସିଲେ ସେମାନେ ବସିବା ପାଇଁ କୋଠା ନଥିଲା। କାରଗିଲ ଭବନ ଅବସରପ୍ରାପ୍ତ ସୈନିକମାନଙ୍କ ପାଇଁ ଉଦଘାଟିତ ହୋଇଛି। ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀସଂଖ୍ୟା ବୃଦ୍ଧିପାଉଛି। ଏହାକୁ ଆଖି ଆଗରେ ରଖି ୩ କୋଟି ଟଙ୍କା ବ୍ୟୟରେ ସେଠାରେ ଏକ ନୂତନ କୋଠା ନିର୍ମାଣ ହେବ। ତାହାର ଶିଳାନ୍ୟାସ ହୋଇଛି। ବ୍ଲକ ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବହୁମୁଖି କୋଠା ଉଦ୍‌ଘାଟିତ ହୋଇଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟ ଡ଼ାକଘର ସମ୍ମୁଖ, ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତାରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉଦ୍‌ଘାଟନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ। ଆୟୋଜିତ ସଭାଗୁଡ଼ିକୁ ଶୁଳପାଣି ଶତପଥି ସଂଯୋଜନା କରିଥିଲେ । ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

